# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 03 January – 2026

*********************************

## ମୁଖ୍ୟ ସମ୍ବାଦ

- ଭୁବନେଶ୍ୱର ଓ ବ୍ରହ୍ମପୁର ମହାନଗର ନିଗମର ବିସ୍ତୃତି ପାଇଁ ପ୍ରକାଶ ପାଇଲା ଗ୍ରାମର ତାଲିକା

- ଓଡ଼ିଶା ସିଭିଲ୍ ସର୍ଭିସ ପରୀକ୍ଷା–୨୦୨୫ ବିଜ୍ଞପ୍ତିରେ ଓ.ଏ.ଏସ୍. ଓ ଓ.ଆର୍.ଏସ୍’ କ୍ୟାଡରକୁ ସାମିଲ ପାଇଁ ଲୋକସେବା ଆୟୋଗଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ

- ‘ଶିକ୍ଷାର ସଚେତନତା, ପ୍ରଯୁକ୍ତିରେ ପରିବର୍ତ୍ତନ’ର ବାର୍ତ୍ତା ନେଇ ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ସଚେତନତା ମାସର ହେଲା ଶୁଭାରମ୍ଭ

- ପୁରୀ ଶ୍ରୀମନ୍ଦିରରେ ପୌଷ ପୂର୍ଣ୍ଣିମାରେ ରାଜରାଜେଶ୍ୱର ବେଶରେ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଉଛନ୍ତି ମହାପ୍ରଭୁ

ଏବଂ

- ୧୧ଦିନ ଧରି ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ ଆଜି ସନ୍ଧ୍ୟାରେ କଂସବଧ ସହ ହେବ ଉଦ୍‌ଯାପିତ

HS

## ମହାନନିଗମ- ଗ୍ରାମ ମିଶ୍ରଣ

ରାଜ୍ୟ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣ ଚନ୍ଦ୍ର ମହାପାତ୍ର ଆଜି ଭୁବନେଶ୍ୱର ମହାନଗର ନିଗମ ଓ ବ୍ରହ୍ମପୁର ମହାନଗର ନିଗମର ବିସ୍ତୃତି ପାଇଁ ମିଶ୍ରଣ କରାଯାଇଥିବା ଗ୍ରାମର ତାଲିକା ପ୍ରକାଶ କରିଛନ୍ତି। ସେହିଭଳି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଘୋଷିତ ତିନୋଟି ଜିଲ୍ଲାର ୭ଟି ନୂତନ ପୌରପାଳିକା ଏବଂ ପୁରୀ ମହାନଗର ନିଗମରେ ମିଶିବାକୁ ଥିବା ଗ୍ରାମ ସମ୍ପର୍କରେ ମଧ୍ୟ ସୂଚନା ଦେଇଛନ୍ତି। ଭୁବନେଶ୍ୱର ମହାନଗର ନିଗମରେ ଭୁବନେଶ୍ୱର ଓ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ୭ଟି ପଞ୍ଚାୟତର ୨୬ଟି ଗ୍ରାମ ନୂଆକରି ମିଶ୍ରଣ କରାଯିବ। ସେହିପରି ବ୍ରହ୍ମପୁର ମହାନଗର ନିଗମରେ କୁକୁଡ଼ାଖଣ୍ଡି ଓ ରଙ୍ଗେଇଲୁଣ୍ଡା ବ୍ଲକ ଅନ୍ତର୍ଗତ ୧୪ଟି ପଞ୍ଚାୟତର ୩୪ଟି ଗ୍ରାମ ନୂତନ ଭାବେ ମିଶ୍ରଣ ହେବ। ସେହିଭଳି ତିନୋଟି ଜିଲ୍ଲାରେ ୭ଟି ନୂତନ ପୌରପାଳିକାରେ ମିଶ୍ରଣ ହେବାକୁ ଥିବା ଗ୍ରାମ ସମ୍ପର୍କରେ ମନ୍ତ୍ରୀ ଶ୍ରୀ ମହାପାତ୍ର ସୂଚନା ଦେଇଛନ୍ତି।

Desk

## ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା

ଓଡ଼ିଶା ସିଭିଲ ସର୍ଭିସ ପରୀକ୍ଷା-୨୦୨୫ ପାଇଁ ନିକଟରେ ଲୋକସେବା ଆୟୋଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଓ.ଏ.ଏସ୍., ଓ.ଆର୍.ଏସ୍. ଆଦି କେତେକ କ୍ୟାଡରରେ ବିଜ୍ଞପ୍ତିରେ ଆଦୌ ପଦବୀ

ନଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଥିଲା। ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହସ୍ତକ୍ଷେପ କରିବା ସହ ଏହି ସମସ୍ତ ପଦବୀ ସମ୍ପର୍କରେ ସମୀକ୍ଷା କରି ଖାଲି ପଦବୀ ପୂରଣ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଫଳରେ ଓଡ଼ିଶା ପ୍ରଶାସନିକ ସେବାରେ ୧୪ଟି, ରାଜସ୍ୱ ସେବାରେ ୧୧୩ଟି, ପରିବହନ ସେବାରେ ୧୬ଟି, ମଙ୍ଗଳ ସେବାରେ ୮ଟି ପଦବୀ ପୂରଣ ପାଇଁ ଲୋକସେବା ଆୟୋଗକୁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଛନ୍ତି। ଏହି ସମସ୍ତ ପଦବୀ ପାଇଁ ଆଶାୟୀ ଥିବା ଯୁବକ ଯୁବତୀ ପରୀକ୍ଷା ଦେଇ ନିଜ ଯୋଗ୍ୟତା ବଳରେ ସଫଳତା ହାସଲ କରିପାରିବେ। ରାଜ୍ୟ ସରକାର ନିଯୁକ୍ତି କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦେବା ସହ ଗତ ୧୮ ମାସରେ ପ୍ରାୟ ୪୦ ହଜାର ସରକାରୀ ପଦବୀ ପୂରଣ କରିସାରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

Desk

## ପୂର୍ବତନ ମୁଖ୍ୟମନ୍ତ୍ରୀ ଶତବାର୍ଷିକୀ ସମାରୋହ

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିଶିଷ୍ଟ ସାରସ୍ୱତ ସାଧକ ସ୍ୱର୍ଗତଃ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଜୟନ୍ତୀରେ ଆଜି ରାଜ୍ୟବାସୀ ଶ୍ରଦ୍ଧାଞ୍ଜଳି ଜଣାଉଛନ୍ତି। ଏହି ଅବସରରେ ଭୁବନେଶ୍ୱର କ୍ୟାପିଟାଲ ହାଇସ୍କୁଲ ପଡ଼ିଆଠାରେ ଆୟୋଜିତ ସ୍ୱର୍ଗତଃ ପଟ୍ଟନାୟକଙ୍କ ଜନ୍ମ ଶତବାର୍ଷିକୀ ସମାରୋହକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଉଦ୍‌ଘାଟନ କରିଛନ୍ତି। ଆଧୁନିକ ଓଡ଼ିଶାର ନିର୍ମାତା, ଜନନାୟକ, ଆସାମର ପୂର୍ବତନ ରାଜ୍ୟପାଳ ସ୍ୱର୍ଗତଃ ପଟ୍ଟନାୟକ ୧୯୨୭ ମସିହା ଆଜିର ଦିନରେ ଜନ୍ମଗ୍ରହଣ

କରିଥିଲେ । ତାଙ୍କର ଦୂରଦର୍ଶୀ ଚିନ୍ତାଧାରା ଓ କର୍ମନିପୁଣତା ପାଇଁ ଓଡ଼ିଶାକୁ ଏକ ନୂତନ ପରିଚୟ ମିଳିଥିଲା ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ଦିଗରେ ତାଙ୍କର ବଳିଷ୍ଠ ଯୋଗଦାନ ରହିଥିଲା । କାର୍ଯ୍ୟକ୍ରମରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ଏମ୍.ବିରାପ୍ପା ମୋଇଲି, ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧାରୀ ଗମାଙ୍ଗଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ । ଏହି ଅବସରରେ ଏକ କ୍ଷୁଦ୍ର ଚଳଚ୍ଚିତ୍ର, ଫଟୋଚିତ୍ର ପ୍ରଦର୍ଶନୀ ଓ ପୁସ୍ତକର ଉନ୍ମୋଚନ କରାଯାଇଛି ।

Desk

## ପ୍ରାଣୀ ସମ୍ପଦ ମେଳା

ରାଜ୍ୟରେ ଜିଲ୍ଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳାର ଆୟୋଜନ କରାଯାଉଛି । ଗତ ମାସ ଦ୍ୱିତୀୟ ସପ୍ତାହରୁ ଆରମ୍ଭ ହୋଇଥିବା ଏହି ମେଳା ଚଳିତ ମାସ ଦ୍ୱିତୀୟ ସପ୍ତାହ ପର୍ଯ୍ୟନ୍ତ ଚାଲିବ । ରାଜ୍ୟର ଗୋପାଳକ, ପ୍ରାଣୀପାଳକ, ମତ୍ସ୍ୟଚାଷୀ ଓ ମତ୍ସ୍ୟଜୀବୀମାନେ ପ୍ରାଣୀପାଳନ ଓ ମତ୍ସ୍ୟଚାଷ କ୍ଷେତ୍ରରେ ନୂତନ ଜ୍ଞାନକୌଶଳର ବ୍ୟବହାର ଜରିଆରେ ସେମାନଙ୍କର ଆୟବୃଦ୍ଧି କରିବା ଉଦ୍ଦେଶ୍ୟରେ ଏହି ମେଳା ଆୟୋଜିତ ହେଉଛି । ମେଳା ମାଧ୍ୟମରେ ରାଜ୍ୟର ତୃଣମୂଳସ୍ତରରେ ଥିବା ପ୍ରାଣୀପାଳକ ଓ ମତ୍ସ୍ୟଚାଷୀ ବିଭିନ୍ନ ସରକାରୀ ଯୋଜନାର ସୁଫଳ ବିଷୟରେ ସଚେତନ ହୋଇପାରିବେ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତାଙ୍କ ବାର୍ତ୍ତାରେ କହିଛନ୍ତି । ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା ଓ ଅନେକ ନୂତନ ଯୋଜନା

ସରକାର କାର୍ଯ୍ୟକାରୀ କରାଉଛନ୍ତି। ଜିଲ୍ଲାସ୍ତରୀୟ ମେଳାରେ ସାମିଲ ହେବା ସହ ରାଜ୍ୟର ବିକାଶର ଧାରାରେ ସହାୟକ ହେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମସ୍ତଙ୍କୁ ଅନୁରୋଧ କରିଛନ୍ତି।

Desk

# ସଡ଼କ ସୁରକ୍ଷା ୱାକାଥନ୍

ସମସ୍ତଙ୍କ ସହଯୋଗ ଓ ସହଭାଗିତାରେ ସୁରକ୍ଷା ସମ୍ଭବ ହୋଇପାରିବ ବୋଲି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଛନ୍ତି। ଭୁବନେଶ୍ୱରଠାରେ ଆଜି 'ଶିକ୍ଷାରୁ ସଚେତନତା, ପ୍ରଯୁକ୍ତିରେ ପରିବର୍ତ୍ତନ'ର ବାର୍ତ୍ତା ନେଇ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ସଡ଼କ ସୁରକ୍ଷା ଉତ୍ସବରେ ଯୋଗଦେଇ ଶ୍ରୀ ଜେନା କହିଛନ୍ତି, ନିରାପଦ ଯାତ୍ରା ସୁରକ୍ଷିତ ଜୀବନର ସଂକଳ୍ପ ହେବା ଉଚିତ। ସଡ଼କ ନିୟମର ଅନୁପାଳନ କରି ଜୀବନ ରକ୍ଷାର ଶ୍ରେଷ୍ଠ ମାଧ୍ୟମ ବାଛିବା ପାଇଁ ମନ୍ତ୍ରୀ ସମସ୍ତଙ୍କୁ  ଅନୁରୋଧ କରିଛନ୍ତି।

**- V/O -**

କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗଦେଇ କହିଛନ୍ତି, ସମସ୍ତେ ଟ୍ରାଫିକ ନିୟମ ପ୍ରତି ସଚେତନ ହେବା ସହ ଦାୟିତ୍ୱବାନ ନାଗରିକଭାବେ ଗାଡ଼ି ଚଳାଇବା। ବୈଷୟିକ ଜ୍ଞାନକୌଶଳର ବ୍ୟବହାର ଦ୍ୱାରା ଦୁର୍ଘଟଣାକୁ ରୋକି ହେବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି। ଏହି ଅବସରରେ ସଡ଼କ ସୁରକ୍ଷା ସଂଗୀତର ଉନ୍ମୋଚନ, ଶପଥ ଗ୍ରହଣ ଉତ୍ସବ ଓ ଏକ ପଦଯାତ୍ରା  ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ

ବାଚସ୍ପତି ସୁରମା ପାଢ଼ି, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ପ୍ରମୁଖ ଉପସ୍ଥିତ ଥିଲେ।

Puri

## ଶ୍ରୀକ୍ଷେତ୍ର ପୁସ୍ତକ ମେଳା

ପୁରୀ ଜିଲ୍ଲା ଭୋଳାନାଥ ବିଦ୍ୟାପୀଠ ପରିସରରେ ୩୦ତମ ଶ୍ରୀକ୍ଷେତ୍ର ପୁସ୍ତକ ମେଳା ଆସନ୍ତାକାଲିଠାରୁ ଆରମ୍ଭ ହେବ। ମେଳାରେ ୧୨୦ଟି ବୁକ୍‌ଷ୍ଟୋର୍ ଖୋଲିବା ସହ ଦିଲ୍ଲୀର ୫୦ରୁ ଉର୍ଦ୍ଧ୍ୱ ପ୍ରକାଶକ ଯୋଗଦେବେ। ପ୍ରତ୍ୟେକ ଦିନ ସାଂସ୍କୃତିକ କାର୍ଯ୍ୟକ୍ରମ, ସାହିତ୍ୟ ଆସର ଏବଂ ଆଲୋଚନାଚକ୍ର ଆଦି ଅନୁଷ୍ଠିତ ହେବ। ୧୦ଦିନ ବ୍ୟାପୀ ହେବାକୁ ଥିବା ଏହି ମେଳା ଆସନ୍ତା ୧୩ ତାରିଖ ପର୍ଯ୍ୟନ୍ତ ଚାଲିବ।

BHK

## ରାସ୍ତା ଉନ୍ନତିକରଣ ପ୍ରକଳ୍ପ

ଭଦ୍ରକ ସହର ଅପର୍ସିବିନ୍ଧା ଛକରୁ ଶନି ମନ୍ଦିର ପର୍ଯ୍ୟନ୍ତ ରାସ୍ତାର ଉନ୍ନତିକରଣ ପ୍ରକଳ୍ପ ପାଇଁ ଆଜି ବେଆଇନ କୋଠା ଓ ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଜାରି ରହିଛି। ଘଟଣାସ୍ଥଳରେ ପୁଲିସ ଓ ମାଜିଷ୍ଟ୍ରେଟ୍ ଉପସ୍ଥିତି ରହିଛନ୍ତି।  ରାସ୍ତା ଉପରେ ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ ନକରିବାକୁ ଡାକବାଜି ଯନ୍ତ୍ର ମାଧ୍ୟମରେ ଲୋକଙ୍କୁ ଅବଗତ କରାଯାଉଛି। ସୂଚନାଥାଉ କି, ନିକଟରେ ସରକାର ଏହି ରାସ୍ତାର ଉନ୍ନତିକରଣ ପାଇଁ ୧୭ କୋଟି ଟଙ୍କାର ବ୍ୟୟବରାଦ କରିଛନ୍ତି।

Gajapati

# ଫାଇଲେରିଆ ସଚେତନତା

ଗଜପତି ଜିଲ୍ଲା ଗୋସାଣୀ ବ୍ଲକ ଅନ୍ତର୍ଗତ ଉପଲଡ଼ା, ଖରସନ୍ଧା ଏବଂ କଣ୍ଟାଗଡ଼ ଆଦି ପଞ୍ଚାୟତରେ ଗୁରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଫାଇଲେରିଆ ରୋଗ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଗ୍ରାମରେ ଲିମ୍ଫୋଡେମା ରୋଗୀଙ୍କୁ ଏମ୍.ଏମ୍.ଡି.ପି. କିଟ୍ ବଣ୍ଟନ କରାଯାଇଛି। ରୋଗୀମାନଙ୍କୁ ନିୟମିତ ବ୍ୟାୟାମ କରିବା ସହିତ ସଚେତନ ରହିବାକୁ ପରାମର୍ଶ ଦିଆଯାଇଛି।

Puri

# ରାଜରାଜେଶ୍ୱର ବେଶ

ପୁରୀ ଶ୍ରୀମନ୍ଦିରରେ ପୌଷପୂର୍ଣ୍ଣିମା ଅବସରରେ ଆଜି ମହାପ୍ରଭୁଙ୍କ ପୁଷ୍ୟାଭିଷେକ ନୀତି ହୋଇଛି। ସକାଳଧୂପ ନୀତି ଶେଷ ହେବା ପରେ ସ୍ୱର୍ଣ୍ଣ ଓ ରତ୍ନ ଖଚିତ ଅଳଙ୍କାରରେ ମହାପ୍ରଭୁ ଭୂଷିତ ହୋଇ ଶ୍ରଦ୍ଧାଳୁମାନଙ୍କୁ ରାଜରାଜେଶ୍ୱର ବା ସୁନାବେଶରେ ଦର୍ଶନ ଦେଉଛନ୍ତି ।

ଅନ୍ୟପକ୍ଷରେ ପୂର୍ଣ୍ଣମୀ ଅବସରରେ ସ୍ୱର୍ଗଦ୍ୱାର ସମ୍ମୁଖ ସମୁଦ୍ର ତଟରେ ନିତ୍ୟ ଆୟୋଜିତ ମହୋଦଧି ଆଳତୀର ୨୦ତମ ବାର୍ଷିକ ଉତ୍ସବ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ହେବ। ଗୋବର୍ଦ୍ଧନ ମଠ ପୀଠାଧୀଶ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ନିଶ୍ଚଳାନନ୍ଦ ସରସ୍ୱତୀ ମହୋଦଧି ଆଳତୀ କାର୍ଯ୍ୟକ୍ରମରେ ଯୋଗଦେବେ। ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବହୁ ସାଧୁସନ୍ଥ, ସେବାୟତ ଓ ମଠମହନ୍ତମାନେ ଯୋଗଦେବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Baragarh

# ଧନୁଯାତ୍ରା

ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ମହୋତ୍ସବ-୨୦୨୬ ଆଜି  କଂସବଧ ସହ ସନ୍ଧ୍ୟାରେ ଉଦ୍‌ଯାପିତ ହେବ। ୧୧ ଦିନ ଧରି ଚାଲିଥିବା ଏହି ଯାତ୍ରାର ଅନ୍ତିମ ଦିନରେ କୃଷ୍ଣ-ବଳରାମଙ୍କ ମଥୁରା ଭ୍ରମଣ, ଗୋବିନ୍ଦପାଲି ବିବେକାନନ୍ଦ ଛକଠାରେ କୃଷ୍ଣ-ବଳରାମଙ୍କୁ ସ୍ୱାଗତ ଉତ୍ସବ, କୁବଳୟା ହସ୍ତୀ ବଧ, ଚାଣୁର ଓ ମୁଷ୍ଟିକ ଆଦି ଅଷ୍ଟମଲ୍ଲ ନିଧନ, ଶିବଧନୁ ଭଙ୍ଗ, ଉଗ୍ରସେନଙ୍କ ରାଜ୍ୟାଭିଷେକ, ଦେବକୀ-ବସୁଦେବଙ୍କୁ କାରାଗାରରୁ ମୁକ୍ତି ଦୃଶ୍ୟ ଆଦି ଅଭିନୀତ ହେବ। ବୃନ୍ଦାବନ ବିସିଙ୍କ ଘରେ ପୂଜାର୍ଚ୍ଚନା କରାଯିବ। ପରେ ଗୋବିନ୍ଦପାଲି ଗାଁରେ ସମୂହ ପୂଜା ଅନୁଷ୍ଠିତ ହେବ। ଧନୁଯାତ୍ରା ପାଇଁ ବରଗଡ଼ ସହର, ମଥୁରା ଏବଂ ଅମ୍ବାପାଲି ଅଞ୍ଚଳକୁ ଗୋପପୁର କରାଯାଇଛି।

Desk

# ହକି ଇଣ୍ଡିଆ ଲିଗ୍

ହକି ଇଣ୍ଡିଆ ପକ୍ଷରୁ ଆଜିଠାରୁ ଉଭୟ ପୁରୁଷ ଓ ମହିଳାବର୍ଗ  ହକି ଇଣ୍ଡିଆ ଲିଗ୍‌ର ସପ୍ତମ ସଂସ୍କରଣ ଆରମ୍ଭ ହେଉଛି । ସନ୍ଧ୍ୟା ୫ଟାରେ ରାଞ୍ଚିଠାରେ ମହିଳା ବର୍ଗରେ ଜେ.ଏସ୍.ଡବ୍ଲ୍ୟୁ ସୁରମା ହକି କ୍ଲବ ଓ ଏସ୍.ଜି.ପାଇପର୍ସ ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ। ସେହିଭଳି

ଚେନ୍ନାଇଠାରେ ପୁରୁଷ ବର୍ଗରେ ୭ଟା ୩୦ରେ ତାମିଲନାଡୁ ଡ୍ରାଗନ୍ସ ଓ ହାଇଦ୍ରାବାଦ ତୁଫାନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ। ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପ୍ରତିଯୋଗିତା ଭୁବନେଶ୍ୱର, ରାଞ୍ଚି ଓ ଚେନ୍ନାଇରେ ଅନୁଷ୍ଠିତ ହେବ । ତୃତୀୟ ତଥା ଅନ୍ତିମ ପର୍ଯ୍ୟାୟରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ୍‌ରେ ଚଳିତ ମାସ ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ ମ୍ୟାଚ୍ ଖେଳାଯିବ । ଚଳିତ ବର୍ଷ କଳିଙ୍ଗ ଲାନ୍‌ସର ସମେତ ୮ଟି ଦଳ ପ୍ରତିଯୋଗିତାରେ ଭାଗ ନେଉଛନ୍ତି ।